# ଚର୍ଯ୍ୟାଗିତି: କୋସଲି ର ପହେଲା ଲିଖିତ ସାହିତ୍ୟ

**ସାକେତ ସ୍ରିଭୁସଣ ସାହୁ**

**ପରିଚୟ**

ମୁନୁସ ଜିବନ ରେ ଭାସା ର କବାର କେତନି । ଇ ଭାସା ହିଁ ମୁନୁସ କେ ଅଲଗା ଜଁତୁ ଠାନୁ ଭିନେ ଆର ବନେ ବଲି ଜନାସି । ମନ ର ଭାବ କେ ଠାର-ନାର ଥି ଜନଉଥିବା ମୁନୁସ ଭାସା ବନାବାର ଲାଗି କେତନି ସମିଆଁ ଆର ମେହନତ କରିଛେ । ମନୁସ କେଭେ ଭାସା ବନାଲା ତାର ସଠିକ ସମିଆଁ ଇହାଦେ ବି କହି ନି ହେବାର । ଫେର କେନ ଭାସା ପହେଲା ବନିଛେ ସେଟା ବି ଜାନବାର ଟା କଠିନ । ତଥାପି ବି ଭାସା ମୁନୁସ ର ଗୁଟେ  ସାଫୁଲ ଉଦଭାବନ । ଭାସା, ଗୁଟେ ସଂସ୍କୃତି ର ପରିବାହକ, ଗୁଟେ ଜାତି ଆର ଅଂଚଲ ର ପରିଚୟ ଏ ।

ଓଡିସା ର ପସଚିମ ଭାଗ ରେ ଗୁଟେ ସୁରୁତ ଭାସା ଟେ ଚଲସି ତାହାକେ କିଏ ସମଲପୁରି ବଲସି ତ କିଏ କୋସଲି । ମୁଇଁ ବ୍ୟକ୍ତିଗତ ଭାବେ ଇ ଭାସା କେ କୋସଲି ବଲି ଚର୍ଚା କରବାର କେ ଚାହେଁମି । ଆସୁନ ତାର ସାହିତ୍ୟ ଆର ଇତିହାସ ବିସେନେ ଜାନମା ।

କୋସଲି ଗୁଟେ ପ୍ରାଚିନ ଭାସା । କୋସଲି ବଢେଟେ ଜାକର ଇଲାକା ନ ବେଭାର ହେସି । ଇହାଦେ ର ଉଡିସା ର ସୁନ୍ଦରଗଡ, ଝାରସୁଗୁଡା, ସମଲପୁର, ବରଗଡ, ଦେବଗଡ, ବଲାଂଗିର, ସୋନପୁର, କଲାହାଣ୍ଡି, ନୁଆଁପଡା, ବୌଦ, ଫୁଲାବାଣି ଆର ଉତର କୋରାପୁଟ ଅଂଚଲ, ଦେଭୋଗ ର ପୁରୁବ ଭାଗ, ଫୁଲଝର, ରାଏଗଡ, ସାରଂଗଗଡ, ନୁ ଜସପୁର ତକ ସବୁ ନ କୋସଲି ଫି ଦିନିଆଁ କବାରେ ବେଭାର ହେସି ।

ଜନଗଣନା ୨୦୧୧ ଅନସାରେ ଓଡିସାର ୪.୨ କୋଟି ନୁ ଇହାଦେ ପ୍ରାୟ ୨ କୋଟି ଲୋକ କୋସଲି କେ ନିଜର ମାତୃଭାସା ମାନସନ । କୋସଲି ଥି ଭିନ ଭିନ ବିଭାଗ ର ଉଁଚା ଦର୍ଜା ର ସାହିତ୍ୟ ଲେଖା ଚାଲିଛେ । ରାମାୟଣ, ମହାଭାରତ, ଗିତା, ଆଦି ପୁରାଣ ଆର ମେଘଦୁତ ଆଦି ମହାକବ୍ୟ ଅନୁବାଦିତ ହେଇସାରିଛେ । ଫି ଦିନ ରେଡିଓ ଆର ଦୁରଦର୍ସନ ମାନକୁ ଭିନ ଭିନ କାର୍ଜ୍ୟକ୍ରମ ପ୍ରସାରିତ ହେସି । ରେଜିସ୍ଟ୍ରାର ଅଫ ନ୍ୟୁଜପେପରସ ଫର ଇଣ୍ଡିଆ ତାର ଭାସା ତାଲିକା ରେ ବି ୨୦୧୨ ନୁ ଠାନ ଦେଇ ସାରିଛେ ।

ପ୍ରାୟ ୮୦ ନୁ ଅଏତକା ଖଣ ହେବା ପତ୍ର-ପତ୍ରିକା ବାହାରିକରି ଭାସା ର ପ୍ରଚାର-ପ୍ରସାର କରୁଛନ । କୋସଲି ଭାସା ଭାରତ ର ସମ୍ବିଧାନ ର ଅସ୍ଟମ ସୁଚି ରେ ସାମିଲ ହେବାର ଲାଗି ବିଚାରଧିନ ଥିବା ବେଲକେ ତାର ସାମ୍ବିଧାନିକ ମାନ୍ୟତା ଲାଗି ଜୋରଦାର ଉଲଗୁଲାନ ଚାଲିଛେ ।

ଇହାଦେ କୋସଲି ଭାସା ଥି ସମଲପୁର ୟୁନିଭର୍ସିଟି ଗୁଟେ ପିଜି-ଡିପ୍ଲୋମା କୋର୍ସ ପଢାହଉଛେ ଆର ହଲଧର ଆବାସିକ ବନବିଦ୍ୟାଲୟ, କୁଦୋପାଲି  ନ ପ୍ରାଥମିକ ସ୍ତରରେ ପଢାହେସି ।

**ଚର୍ଯ୍ୟାଗିତି/ଚର୍ଯ୍ୟାପଦ**

କୋସଲି ଭାସା ର ଲିଖିତ ସାହିତ୍ୟ କେଭେ ନୁ ପହେଲା କରି ହେଇଛେ କହେବାରଟା ବଡା କଠିନ ଏ । ହେଲେ କୋସଲି କେ ପଢଲା ବେଲକେ  ଆସରିଜ ହେବାରକେ ପଡସି ଜେ ବଂଗାଲି ପଣ୍ଡିତ ହରପ୍ରସାଦ ସାସ୍ତି ୧୯୧୭ରେ ନେପାଲ ନୁ ପାଇଥିବା ଚର୍ଜ୍ୟାଗିତି ଥି କେତନି କେତେ କୋସଲି ସବ୍ଦ ଅବିକଲ ବେଭାର ହେସି । ଚର୍ଜ୍ୟାଗିତି ରେ ଥିବା ବୌଧଗାନ ଆର ଦୋହା କେ ଭାସାବିତ ମାନେ ୭ମ ଆର ୮ମ ସତାବ୍ଦି ଭିତରେ ଲେଖା ହେଇଥିବାର ଅନୁମାନ କରସନ ।

ଇହାଦେ ର ପସଚିମ ଓଡିସା ଆର ସେ ପ୍ରାଚିନ ମଧ୍ୟ ଜୁଗ ର ଦକ୍ଷିଣ କୋସଲ ର ଭିନେ ଭିନେ ଠାନେ ୨ୟ ନୁ ୮ମ ସତାବ୍ଦି ତକ ଭିନ ଭିନ ଠାନେ ବୌଧ ଧର୍ମ ବନେ ଫଏଲିଥିଲା । ଇତିହାସ ର ଖୋଜ ନୁ ଜନା ପଡିଛେ ଜେ, ପ୍ରାୟ ୧୦୦୦୦ ସ୍ତୁପ, ୫୦୦୦ ସଂଘରମା, ଆର କେତନି ବୁଦ୍ଧ ବିହାର ଥିଲା, ଦକ୍ଷିଣ କୋସଲ ରେ । ସପ୍ତମ ସତାବ୍ଦି ଆଡେ ଚିନ ର ତିର୍ଥଜାତ୍ରି ହୁଏନସାଂ ଆସିଥିଲେ ଦକ୍ଷିଣ କୋସଲ । ହୁଏନସାଂ କର ହିସାବେ ପ୍ରାୟ ୧୦୦ ସଂଘରାମା ଆର ୧୦,୦୦୦ ବୌଧ ବାବା ମାହାଜାନ ପଢୁଥିଲେ । ସେ ଆର ବି ଲେଖିଛନ, ପୋ-ଲୋ-ମୋ-ଲୋ-କି-ଲି ଠାନେ ଝନେ ପ୍ରସିଦ୍ଧ ବୌଦ୍ଧ ବାବା ନାଗାର୍ଜ୍ଜୁନ ରହୁଥିଲେ । ଇ ପୋ-ଲୋ-ମୋ-ଲୋ-କି-ଲି ଟା ରମଲ ଗିରି ବା ଗଂଧମାର୍ଧନ ଏ ବଲି ଇତିହାସକାର ମାନେ ମତ ଦଉଛନ । ନରସିଂନାଥ, ଗନିଆଁପାଲି, ନଗରାଜ, ସୋନପୁର, ରାନିପୁର ଝରିଆଲ, ଅମାତଗଡ, ହରିସଂକର ଆଦି ବୌଦ୍ଧ ଧର୍ମ ର ପିଠ ମାନେ ଥିଲା ।

ବୌଦ୍ଧ ଧର୍ମ ର ସିଦ୍ଧମାନେ ଚର୍ଯାପଦ କବିତା ଲେଖୁଥିଲେ । ଚର୍ଯାପଦ ବୁଦ୍ଧଧର୍ମର ବଜ୍ରଜାନ ପରଂପରା ର ବାବା ମାନେ ଲେଖୁଥିଲେ । ଚର୍ଯାପଦ ଗେବାର ଲାଗି ଲେଖା ହଉଥିଲା । ଚର୍ଯାପଦ ସାହିତ୍ୟ "ସନ୍ଧ୍ୟା ଭାସା" ବଲି ଗୁଟେ ରୁପକ (metaphor) ଦେଇକରି ଲେଖା ହଉଥିଲା । ଚର୍ଯାଗିତି ଥି ସେ ସମିଆଁ ର ସମାଜ ର ବର୍ଣ୍ଣନ ଅଛେ । ଭିନେ ଭିନେ ଚରିତ୍ରମାନକର କଥା ଲେଖା ହେଇଛେ । ଜେନ୍ତା ସିକାରି, ଡଂଗାବାଲା, କୁମହାର, ଭୁଲିଆ, କାଠରିଆ ଆଦି । ବେସ୍ୟାମାନକର କଥା ଲେଖା ହେଇଛେ ହେଲେ ଚାସିମାନକର କଥା ନେଇଁନ । ଚର୍ଯାଗିତି ତଂତ୍ର ପରଂପରା ବଜ୍ରଜାନ ର ସିଦ୍ଧକବି ମାନକର ରହସ୍ୟବାଦି କବିତା ଏ । ଇ କବିତାମାନେ ଗୁଟେ ସିଦ୍ଧ ପ୍ରବୃଦ୍ଧ ଅନୁଭୁତି ର ଏକସରଲଗ ବର୍ଣ୍ଣନ ଏ । ଇ ଚର୍ଯାପଦ ସାହିତ୍ୟ ଥି କବି ବା ସିଦ୍ଧ ମାନକର ନାଁ ପହିଲ ପଦେ ଲେଖା ହେଇଥିସି ଆର ସେମାନକର ନାଁ ଅନସାରେ, ଜେନ୍ତା କାହ୍ନୁ ସିଦ୍ଧକର କାହ୍ନୁପଦ, ଲୁଇ ସିଦ୍ଧ କର ଲୁଇପଦ, ଭୁସକୁ ସିଦ୍ଧକର ଭୁସକୁପଦ, ସବର ସିଦ୍ଧକର ସବରପଦ, ଡମ ସିଦ୍ଧକର ଡମପାଦ ଆଦି ହଉଛେ ଭିନେ ଭିନେ ଚର୍ଯାଗିତି । ଚର୍ଯାଗିତି ର ଭାସା ପ୍ରାକୃତ ଆର ବୁଦ୍ଧ ଧର୍ମ ର ପ୍ରଚାର-ପ୍ରସାର ବିସେସ କରି ସେ ସମିଆଁ ଥି ସେଠାନ ର ପ୍ରାକୃତ ଭାସା ବେଭାର କରୁଥିଲେ । ଚର୍ଯାଗିତି ଇହାଦେ ର କୋସଲି ସାଂଗେ ବନେ ମେଲ ଖାଏସି:

**ଏକୁସୋ ପଦୁମୋ ଚୌସଠି ପାଖୁଡି**
**ତହିଁ ଚଢି ନାଚୋ ଡୋମ୍ବି ବାପୁଡି ।** ***- କାହ୍ନୁପା***

ଏକୁସୋ - ଏକୁସ, ପଦୁମୋ - ପଦମ, ଚୌସଠି - ଚୌସଠି, ପାଖୁଡି - ପାଖୁଡା, ତହିଁ - ତେହିଁ, ଚଢି - ଚଢି, ନାଚୋ - ନାଚ, ଡୋମ୍ବି - ଡମ (ସୁଦ୍ର ଜାତିର ମାହେଜି), ବାପୁଡି - ବୁପରି ।

**ହଲି ଡୋମ୍ବି ତୋତେ ପୁଛମି ସଦଭାବେ**

**ଇସିସି ଜସି ଡୋମ୍ବି ନବେ ।** ***- କାହ୍ନୁପା***

ପୁଚ୍ଛମି - ପଚରାମି, ସଦଭାବେ - ସୁଦଭାବେ ।

**ନଗର ବାହାରେ ଡୋମ୍ବି ତୋହରି କୁଡିଆ**
**ଛୋଇଛୋଇ ଜାହ ସୋ ବ୍ରାହ୍ମଣ ନାଡିଆ ।** - ***କାହ୍ନୁପା***

ବାହାରେ - ବାହାରେ, ସୋ - ସେ, ଜାହ - ଜାଏ

**ଅଂଘଣ ଘରପଣ ସୁନ ଭି ବିଆତି**
**କାନେଟ ଚୋରେ ନିଲ ଅଧରାତି ।** - ***କୁକକୁରି ପାଦ***

ବିଆତି - ବିହାରି ମାହେଜି

**ହେରି ସେ କାହ୍ନି ନିଆଡଇ ଜିନଭର ବଟ୍ଟଇ**
**ଭଣଇ କାହ୍ନୁ ମୋହି ଅହି ନ ପଇସଇ ।** - ***କାହ୍ନୁପା***

ହେରି - ଢୁଂଗି /ଢୁଂଗବାର ( କଳାହାଁଡି ଅଂଚଳ ର ଡମ ଭାସା)

**ଉଁଚା ଉଁଚା ପାବତ ତହିଁ ବସଇ ସବରି ବାଲି** - ***ସାରହପା***

ଉଁଚା - ଉଚା

**ଚିଅ ଧାଉ ଖାଟ ପାଡିଲା ସବରୋ ମହାସୁଖ ସେଜି ଛାଇଲି**
**ସବରୋ ଭୁଜଂଗ ତାଇରାମଣି ଦାରି ପେକଖି ରାତି ପୋହାଇଲି ।** -***ସାରହପା***

ଖାଟ - ଖଟ, ଛାଇଲି - ଛିଆଁବାର, ଦାରି - ବେସ୍ୟା

**ବାମ ଦାହିଣ ଚାପି ମିଲି ମିଲି ମାଂଗା**
**ବାଟ ତ ମିଲିଲ ମହାସୁଖ ସାଂଗା ।** - ***କମ୍ବଲାମର***

ମାଂଗା - ମାଗବାର, ବାଟ - ବାଟ

**ନାଡି ସକ୍ତି ଦିଢ ଧରିଅ ଖଟେ**
**ଅନାହା ଡମରୁ ବାଜଇ ବିର ନାଦେ ।** - ***କାହ୍ନୁପା***

ଦିଢ - ବରକସ, ଅନାହା- ଦେଖ, ଡମରୁ- ଡମରୁ

**ବାମ ଦହିଣ ଜୋ ଖାଲ ବିଖାଲା**

**ସରହ ଭଣଇ ବାପା ଉଜ ବାଟ ଭାଇଲା  । -** ***ସାରହପା***

ଜୋ - ଜେନ, ଖାଲ - ଖାଲ, ଉଜ - ଉଁଝ୍ୟା/ଭିନେ/ଅଲଗା, ଭାଇଲା - ଫବଲା

**କୁଲ ଲଉଖର ସୋନ୍ତେ ଉଜାଅ**

**ସରହ ଉନୈ ଗଅଣେଂ ସମାଅ । -** ***ସାରହପା***

ଲଇ- ଲହଁକିବାର, ଉଜାଅ - ଅଜେଇ ହେବା/ଖଣି ଲାଗବା, ସମାଅ - ପସ/ପସାବାର

ଏନ୍ତା କେତନି ସଦ୍ଧ ଚର୍ଯ୍ୟାପଦ ନୁ ଦେଖବାର କେ ମିଲସି ।